# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 01 November – 2025

************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଇନ୍‌ଫୋଭ୍ୟାଲିଠାରେ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ ଓ ଏ.ଟି.ଏମ୍.ପି. କେନ୍ଦ୍ର ପାଇଁ ଭୂମିପୂଜନ କଲେ ମୁଖ୍ୟମନ୍ତ୍ରୀ
- ତହସିଲ ଅଫିସରେ ଆଜିଠାରୁ ଆରମ୍ଭ ହେଲା ଜମି ପଞ୍ଜୀକରଣ ଏବଂ କିଣାବିକା
- ସୁଭଦ୍ରା ପୋର୍ଟାଲରେ ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଅନଲାଇନ୍ ଆବେଦନ ଆରମ୍ଭ

ଏବଂ

- କଇଁଛଙ୍କ ସୁରକ୍ଷା ଓ ପ୍ରଜନନ ପାଇଁ ଆଜିଠାରୁ ଗହୀରମଥା ଏବଂ ରୁଷିକୂଲ୍ୟା ମୁହାଁଣରେ ଲାଗୁ ହେଲା କଟକଣା

BBSR/R

# ସେମିକଣ୍ଡକ୍ଟର କେନ୍ଦ୍ର ଶିଳାନ୍ୟାସ

ବିଶ୍ୱସ୍ତରୀୟ ଇଲେକ୍‌ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ରାଜ୍ୟ ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହେବା ସହ ପୂର୍ବୋଦୟର ନେତୃତ୍ୱ ନେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଇନ୍‌ଫୋ ଭ୍ୟାଲିରେ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ ଓ ଏ.ଟି.ଏମ୍.ପି. କେନ୍ଦ୍ର ନିର୍ମାଣର ଭୂମିଭୂଜନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟକୁ ଉନ୍ନତ ଇଲେକ୍‌ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ନିର୍ମାଣର ପ୍ରମୁଖ କେନ୍ଦ୍ର କରିବା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଆତ୍ମନିର୍ଭର ଭାରତ ଦିଗରେ ଏହା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇବା ସହ ରାଜ୍ୟର ପ୍ରଗତିଶୀଳ ନୀତି ଏବଂ ନବୋନ୍ମେଷ ପାଇଁ ଅନୁକୂଳ ପରିବେଶର ପ୍ରମାଣ ଦେଉଛି ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -**

କେନ୍ଦ୍ର ସରକାର ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତା ଏବଂ ବିଭିନ୍ନ ବୈଷୟିକ ପ୍ରଯୁକ୍ତିବିଦ୍ୟା ନୀତି ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ ରାଜ୍ୟକୁ ଦେଶର ସର୍ବୋତ୍ତମ ନିବେଶ ଅନୁକୂଳ ରାଜ୍ୟଭାବେ ସ୍ଥାନ ଦିଆଯାଇଛି। ଭାରତୀୟ ସେମିକଣ୍ଡକ୍ଟର ମିଶନ ଦ୍ୱାରା ଅନୁମୋଦିତ ଏହି କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ ପ୍ରକଳ୍ପ ୨ ହଜାର ୬୭ କୋଟି ବ୍ୟୟ ଅଟକଳରେ ସ୍ଥାପିତ ହେବ।

ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇଲେକ୍ଟ୍ରିକ ଯାନ, ପ୍ରତିରକ୍ଷା ବ୍ୟବସ୍ଥା, ରେଳପଥ ଏବଂ ନବୀକରଣୀୟ ଶକ୍ତିଭଳି ସମାଜର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହି ଉତ୍ପାଦଗୁଡ଼ିକ ବ୍ୟବହୃତ ହେବ। ଏହାସହ ଆଇ.ଆଇ.ଟି ଭୁବନେଶ୍ୱରଠାରେ ୬୪ କୋଟି ଟଙ୍କା ବିନିଯୋଗରେ ଏକ ଗବେଷଣା ଓ ନବୋନ୍ମେଷ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି।

Desk

## ତହସିଲ- ଜମି କିଣାବିକା

ରାଜ୍ୟରେ ଆଜିଠାରୁ ତହସିଲ ଅଫିସରେ ଜମି ପଞ୍ଜୀକରଣ ହୋଇପାରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରୁ ଏହାର ଶୁଭାରମ୍ଭ କରିଛନ୍ତି। ଅନଲାଇନ୍‌ରେ ସ୍ଲଟ୍ ବୁକ କରି ତହସିଲ ଅଫିସରେ ଜମି କିଣାବିକା କରିହେବ।

ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ ଅଫିସରେ ଏହି ସେବା ଆରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ୨୭୩ଟି ତହସିଲରେ ଡିସେମ୍ବର ମାସ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

HS

## ସୁଭଦ୍ରା ଯୋଜନା ଆବେଦନ

ସୁଭଦ୍ରା ଯୋଜନାରେ ନୂଆ ହିତାଧିକାରୀମାନଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଆବେଦନ ଆରମ୍ଭ ହୋଇଛି। ନୂତନ ପଞ୍ଜୀକରଣ ନିମନ୍ତେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ପୋର୍ଟାଲ ଖୋଲା ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ନୂଆପଡ଼ା ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାର ଯୋଗ୍ୟ ହିତାଧିକାରୀ ପଞ୍ଜୀକରଣ ନିମନ୍ତେ ଆବେଦନ କରିପାରିବେ। ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ନୂଆପଡ଼ା ପାଇଁ ବର୍ତ୍ତମାନ ପଞ୍ଜୀକରଣ ହେବ ନାହିଁ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

**- V/O -**

ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିନାଦେୟରେ ସୁଭଦ୍ରା ଆବେଦନପତ୍ର ଆଜିଠାରୁ ଉପଲବ୍ଧ ହେଉଛି। ହିତାଧିକାରୀମାନେ ମଧ୍ୟ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମାଗଣାରେ ଏଥିପାଇଁ ପଞ୍ଜୀକରଣ କରିପାରିବେ। ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ସମସ୍ତ ଆବେଦନକାରୀଙ୍କୁ ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇଟି କିସ୍ତି ସୁଭଦ୍ରା ସହାୟତା ଅର୍ଥରାଶି ପ୍ରଦାନ କରାଯିବ। ୨୦୨୬ ମସିହା ମାର୍ଚ୍ଚ ୮ ତାରିଖରେ ସୁଭଦ୍ରାର ନୂଆ ହିତାଧିକାରୀଙ୍କୁ ଟଙ୍କା ମିଳିବ।

Desk

## ସୁଭଦ୍ରା ଶକ୍ତିମେଳା

ଓଡ଼ିଶାର ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରା କାର୍ଯ୍ୟକ୍ରମ **ସୁଭଦ୍ରା ଶକ୍ତି ମେଳା** ଆଜିଠାରୁ ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଳାର ଉଦ୍‌ଘାଟନ କରିବେ । ଏହି ମେଳା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।।

Desk

## ଶିଶୁ ସୁରକ୍ଷା ଆୟୋଗ ପ୍ରତିଷ୍ଠା ଦିବସ

ଶିଶୁଙ୍କ ସୁରକ୍ଷା ଦିଗରେ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୫ତମ ପ୍ରତିଷ୍ଠା ଦିବସ ଅବସରରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ଶିଶୁଙ୍କ ଅଧିକାରକୁ ସୁରକ୍ଷା ଦେବାରେ ଆୟୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ, ଯାହା ପୂର୍ଣ୍ଣାଙ୍ଗ ଅନୁଷ୍ଠାନ ଭାବେ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ କରାଯାଇପାରୁଛି। କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷ ବବିତା ପାତ୍ର ଓ ଆୟୋଗର ସମସ୍ତ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।

HS

## ଐତିହାସିକ ବାଲିଯାତ୍ରା ଗୀତ

କଟକ ଐତିହାସିକ ବାଲିଯାତ୍ରାକୁ ଆଉ ଚାରି ଦିନ ବାକି ଥିବାବେଳେ ଏହାର ମୁଖ୍ୟ ଗୀତ "ଆମ ଐତିହାସିକ ବାଲିଯାତ୍ରା" ପ୍ରସ୍ତୁତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମଥର ପାଇଁ ଓଡ଼ିଶାର ପୁରାତନ ନୌବାଣିଜ୍ୟ ଐତିହ୍ୟ ଓ ସାଂସ୍କୃତିକ ମହିମାକୁ ନୂଆ ଦୃଷ୍ଟିକୋଣରେ ପରିଚିତି ଦେବା ଲାଗି ଏହି ଗୀତ ପ୍ରସ୍ତୁତ କରାଯାଇଛି। ଚଳିତ ବର୍ଷ ବାଲିଯାତ୍ରା ଆସନ୍ତା ବୁଧବାରଠାରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

Kendrapra

## ମାଛମରା ନିଷିଦ୍ଧାଞ୍ଚଳ

ବିରଳ ଅଲିଭ୍ ରିଡ୍ଲେ କଇଁଛଙ୍କ ସୁରକ୍ଷା ପାଇଁ ଆଜିଠାରୁ କେନ୍ଦ୍ରାପଡ଼ାସ୍ଥିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଛଧରା ଓ ପର୍ଯ୍ୟଟକ ପରିଦର୍ଶନ ଉପରେ କଟକଣା ଲାଗୁ କରାଯାଇଛି। ଗହୀରମଥା ଉପକୂଳର ସ୍ଥଳ ଭାଗରୁ ସମୁଦ୍ର ମଧ୍ୟକୁ ୨୦ କିଲୋମିଟର ଜଳରାଶି ମଧ୍ୟରେ ମାଛଧରା ଉପରେ ସମ୍ପୂର୍ଣ୍ଣ ନିଷେଦ୍ଧାଦେଶ ଜାରି କରାଯାଇଛି। ରାଜନଗର ବନ୍ୟପ୍ରାଣୀ ଡିଭିଜନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ବର୍ଷ ମଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଣ ସମୁଦ୍ର ନିକଟ ଆର୍ଯ୍ୟପଲ୍ଲୀଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ଆଜିଠାରୁ ଆସନ୍ତାବର୍ଷ ମଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ମାଛମରାକୁ ନିଷିଦ୍ଧ ଘୋଷଣା କରାଯାଇଛି । ଅଲିଭ୍ ରିଡ୍ଲେ କଇଁଛଙ୍କ

ଆଗମନ ସହ ପ୍ରଜନନ ଓ ଗଣଅଣ୍ଡାଦାନକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଏଥିପାଇଁ ବନବିଭାଗ ପକ୍ଷରୁ ୧୧ଟି ସ୍ଥାନରେ ଶିବିର କରାଯାଇଛି ।

Kalahandi

## କଳାହାଣ୍ଡି ଗଠନ ଦିବସ

ଭବାନୀପାଟଣା ଟାଉନ୍‌ହଲଠାରେ ଆଜି ୭୬ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ କରାଯାଇଛି। ଜିଲ୍ଲାପାଳ ସଚ୍ଚିନ ପାଓ୍ୱାର ପ୍ରକାଶ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାର ଉନ୍ନତି ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ସକାଳ ୮ଟାରେ ଭବାନୀପାଟଣାର ମାଣିକେଶ୍ୱରୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସୂଚନାଥାଉକି, ୧୯୪୯ ମସିହା ନଭେମ୍ବର ୧ ତାରିଖରେ କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ରାଜସ୍ୱ ଜିଲ୍ଲାଭାବେ ଓଡ଼ିଶା ମାନଚିତ୍ରରେ ସ୍ଥାନ ପାଇଥିଲା।

Ganjam

## ଚୁକ୍ତିପତ୍ର ସ୍ୱାକ୍ଷରିତ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଭାରତୀୟ ନାରୀ ଅଧ୍ୟୟନ ସଂଘର ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଚୁକ୍ତିପତ୍ରରେ ଉଭୟ ପକ୍ଷରେ ଶିକ୍ଷାଦାନ, ଉନ୍ନତ ଜ୍ଞାନକୌଶଳ ଓ ଅନଲାଇନ୍‌–ଅଫଲାଇନ୍‌ରେ ଭାଗିଦାରୀ, ସେମିନାର,

ୱେବିନାର, ମିଳିତ ଭାବେ ପରିଚାଳନା ନେଇ ଉଲ୍ଲେଖ ରହିଛି। ଏହି ଚୁକ୍ତିପତ୍ର ପାଞ୍ଚ ବର୍ଷ ପାଇଁ ହୋଇଥିବା କୁଳପତି, ପ୍ରଫେସର ଗୀତାଞ୍ଜଳି ଦାସ କହିଛନ୍ତି।

Ganjam

## ବାଘ ଗଣନା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବନଖଣ୍ଡରେ ବାଘ ଗଣନା ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ବିଶ୍ୱନାଥନ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ଅଧିକାରୀମାନଙ୍କୁ ବାଘ ଗଣନା ନେଇ ପ୍ରଶିକ୍ଷଣ ଦେଇଥିଲେ। ଟ୍ରାଞ୍ଜେକ୍ଟ ଲାଇନ୍, ଟ୍ରେଇଲ୍ ସର୍ଭେ ସରିବା ପରେ ୧୫ ଦିନିଆ କ୍ୟାମେରା ଟ୍ରାପ୍ କରିବା ନିମନ୍ତେ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ଚାରୋଟି ବନାଞ୍ଚଳର ବନପାଳ ଓ ବନରକ୍ଷୀ ଅଂଶଗ୍ରହଣ କରିଥିଲେ।

Nabarangpur

## ନିଯୁକ୍ତିପତ୍ର ବଣ୍ଟନ

ନବରଙ୍ଗପୁର ଜିଲ୍ଲା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ  ଜିଲ୍ଲା ଦକ୍ଷତା ଓ କର୍ମଚାରୀ ନିୟୋଜନ ବିଭାଗ ଆନୁକୂଲ୍ୟରେ ନିଯୁକ୍ତିପତ୍ର ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୱେୟାର ହାଉସ୍ ଟ୍ରେଡ୍‌ରେ ତାଲିମ ଗ୍ରହଣ କରିଥିବା ୧୭ ଜଣ ଶିକ୍ଷାର୍ଥୀଙ୍କୁ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଆଜି ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି।

BHK

## ଜାତୀୟ ସେବା ଯୋଜନା

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ଯୁବନେତୃତ୍ୱ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ବିଭାଗୀୟ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ବିଶିଷ୍ଟ ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ ନେତୃତ୍ୱ ସୃଷ୍ଟି କରିବା ଦିଗରେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଛନ୍ତି। ବିଭିନ୍ନ ସରକାରୀ ବିଦ୍ୟାଳୟର ୧୦୦ ଜଣ କର୍ମୀ ଏହି ଶିବିରରେ ଯୋଗ ଦେଇଛନ୍ତି।

Nayagarh

## ସଡ଼କ ସୁରକ୍ଷା ବୈଠକ

ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣଙ୍କ ଦ୍ୱାରା ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଦୁର୍ଘଟଣାର କାରଣ ଓ ଏହାର ନିରାକରଣ ନିମନ୍ତେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ଶୂନ୍ୟମୃତ୍ୟୁ ପକ୍ଷ ସମୟରେ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ କହିଛନ୍ତି।

Puri

## ଶ୍ରୀମନ୍ଦିର - ପଞ୍ଚକ

ପୁରୀ ଶ୍ରୀମନ୍ଦିରରେ ପଞ୍ଚକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପଞ୍ଚକରେ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବେ ଏବଂ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ଚଳିତବର୍ଷ ପଞ୍ଚକ ୫ ଦିନ ପରିବର୍ତ୍ତେ ୪ ଦିନ ପାଳନ କରାଯିବ । ଆସନ୍ତାକାଲିଠାରୁ ଶ୍ରୀମନ୍ଦିରରେ ପଞ୍ଚକ ନୀତି ଆରମ୍ଭ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।